بِسۡمِ اللّٰہِ الرَّحۡمٰنِ الرَّحِیۡمِ

୩୧ ଜୁଲାଇ ୨୦୨୬ ଖୁତ୍‌ବା ଜୁମାର ସାରାଂଶ
ସ୍ଥାନ - ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ୍

# ଚଳିତ ବର୍ଷ ବ୍ରିଟେନର ବାର୍ଷିକ ଧର୍ମସମ୍ମିଳନୀ ଉପଲକ୍ଷେ ଦୈବି କୃପାବତୀର୍ଣ୍ଣ ଓ ଅଣଅହ୍‌ମଦି ଅତୀଥିମାନଙ୍କର ଗୁରୁତ୍ୱପୂର୍ଣ୍ଣ ମତାମତର ଚର୍ଚ୍ଚା ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଧୁବି ଆଲୈହିମ୍ ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ଗତ ରବିବାର ଦିନ ଜମାଅତ୍ ଅହମଦିୟା ବ୍ରିଟେନର ତିନିଦିନିଆ **ଜଲ୍‌ସା ସାଲାନା** (ବାର୍ଷିକ ଧର୍ମସମ୍ମିଳନୀ) ଅଲ୍ଲାଃତାଲାଙ୍କ ବିଶେଷ କୃପା ଓ ଅନୁଗ୍ରହକୁ ସାଉଁଟି ସମାପନ ହେଲା । ତେବେ ଜଲ୍‌ସାର ପ୍ରସ୍ତୁତି ପାଇଁ ମାସ ମାସ ସମୟ ଲାଗିଥାଏ । ଗୋଟିଏ ଜଲ୍‌ସା ସରିବା ମାତ୍ରେ ପରବର୍ତ୍ତୀ ଜଲ୍‌ସାର ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ ହୋଇଯାଇଥାଏ । ଆଉ ଏହି କାର୍ଯ୍ୟର ତୀବ୍ରତା ଜଲ୍‌ସାର କିଛି ସପ୍ତାହ ପୂର୍ବରୁ ବେଶ ବଢ଼ି ଯାଇଥାଏ । ଜଲ୍‌ସାର ଗୋଟିଏ ଦୁଇ ସପ୍ତାହ ପୂର୍ବରୁ ଏହା ଚରମସୀମାରେ ପହଞ୍ଚିଯାଏ । ଜଲ୍‌ସା ଦିନଗୁଡ଼ିକରେ ହଜାର ହଜାର ସ୍ୱେଚ୍ଛାସେବୀ ପୁରୁଷ, ମହିଳା, ବୃଦ୍ଧ, ଯୁବକ ଓ ପିଲାମାନେ ପୂର୍ଣ୍ଣ ସାମର୍ଥ୍ୟ ଓ ଆନ୍ତରିକତାର ସହ ସବୁ ସମୟରେ ସେବାରେ ନିମଜ୍ଜିତ ଥାଆନ୍ତି ।

ସୁତରାଂ ଏହି ଦୃଷ୍ଟିରୁ ଜଲ୍‌ସାର ଯେକୌଣସି ବିଭାଗରେ କାର୍ଯ୍ୟ କରିଥିବା ସମସ୍ତ କର୍ମଚାରୀ ଧନ୍ୟବାଦର ପାତ୍ର । ଅଲ୍ଲାଃତାଲା ସେମାନଙ୍କୁ ଏହାର ଶ୍ରେଷ୍ଠ ପ୍ରତିଫଳ ପ୍ରଦାନ କରନ୍ତୁ । ସେହିପରି MTAର କର୍ମଚାରୀମାନେ ରହିଛନ୍ତି, ଯେଉଁଥିରେ ଅଧିକାଂଶ ସ୍ୱେଚ୍ଛାସେବୀ । ପୁଣି ପ୍ରେସ୍ ଓ ମିଡ଼ିଆ ଟିମ୍ ରହିଛି, ଖୁଦାମୁଲ୍ ଅହମଦିୟା କାନାଡ଼ାର ଯୁବକମାନେ ପ୍ରତ୍ୟେକ ବର୍ଷ ଭଳି ଏଥର ମଧ୍ୟ ବହୁତ ସଂଖ୍ୟାରେ ଏଠାକୁ ଆସି ସେବା କାର୍ଯ୍ୟ ସମ୍ପନ୍ନ କରିଛନ୍ତି । ଏବେ ଅଷ୍ଟ୍ରେଲିଆରୁ ଲୋକମାନେ ଆସିବା ମଧ୍ୟ ଆରମ୍ଭ କରିଦେଲେଣି । ଏସମସ୍ତେ ଅତି ଉତ୍ତମ ରୂପେ ସେବା କାର୍ଯ୍ୟ ତୁଲାଉଛନ୍ତି ।

ମୁଁ ନିଜେ ମଧ୍ୟ ସମସ୍ତ ପୁରୁଷ ଓ ମହିଳା କର୍ମଚାରୀମାନଙ୍କୁ ଧନ୍ୟବାଦ ଜଣାଉଛି, କିନ୍ତୁ ଏହା ସହିତ ସେମାନଙ୍କୁ ମନେ ରଖିବା ଉଚିତ୍ ଯେ ସେମାନେ ନିଜେ ମଧ୍ୟ ଈଶ୍ୱରଙ୍କ ନିକଟରେ କୃତଜ୍ଞ ହେବା ଆବଶ୍ୟକ । କାରଣ ପରମେଶ୍ୱର ତାଙ୍କୁ ହଜରତ ମସିହ ମଉଦ[ଅ.ସ]ଙ୍କ ଅତିଥିମାନଙ୍କର ସେବା କରିବାକୁ ଅବସର ପ୍ରଦାନ କଲେ । ଲୋକଙ୍କ କୃତଜ୍ଞତା ଜ୍ଞାପନ କରିବା ଦ୍ୱାରା ଆପଣମାନଙ୍କୁ ଈଶ୍ୱରଙ୍କ ସମ୍ମୁଖରେ ଆହୁରି ନତମସ୍ତକ ହେବା ଓ ଆହୁରି ନମ୍ର ହେବା ଉଚିତ୍ । ଅଲ୍ଲାଃତାଲା ଆପଣମାନଙ୍କୁ ଏହାର ସାମର୍ଥ୍ୟ ପ୍ରଦାନ କରନ୍ତୁ ।

ମହାମହିମ ହୁଜୁର ଅନଓ୍ୱର[ଅ.ବ] କହିଲେ; କାର୍ଯ୍ୟରତ କର୍ମଚାରୀଙ୍କ ସଂକଳ୍ପ ଓ ଉତ୍ସାହ ଦ୍ୱାରା ଇସଲାମ୍ ଓ ଅହମଦିୟତ୍‌ର ପ୍ରଚାର ମଧ୍ୟ ହୋଇଥାଏ । ଅନେକ ଲୋକ ନିଜର ଭାବନା ଓ ଅନୁଭୂତିକୁ ଲିଖିତ ଆକାରରେ ପ୍ରେରଣ କରିଥା'ନ୍ତି । ସେଥି ମଧ୍ୟରୁ କିଛି ମତାମତ ଏବେ ମୁଁ ଉପସ୍ଥାପନ କରୁଛି । ଗେମ୍ବିଆର ସଂଚାର ମନ୍ତ୍ରୀ ଲେଖିଛନ୍ତି, ଜଲ୍‌ସାର ଗଭୀର ବାସ୍ତବିକତାକୁ ଦେଖି ମୁଁ ଆଶ୍ଚର୍ଯ୍ୟଚକିତ ହୋଇଗଲି । ଏହା ଏକ ବିଶାଳ

ଆନ୍ତର୍ଜାତିକ ସମ୍ମିଳନୀ, ଯାହା ନିସ୍ୱାର୍ଥପର ସେବା, ନୀରବ ଓ ଅବିଚଳ ତ୍ୟାଗର ଭିତ୍ତିଭୂମି ଉପରେ ପର୍ଯ୍ୟବସିତ ।

ନାଇଜେରିଆର ଜଣେ ରାଜା, ଯାହାଙ୍କ ଅଧୀନରେ ପ୍ରାୟ ଅଧା ରାଜ୍ୟ ଅଛି, ସେ କୁହନ୍ତି; ଯେତେବେଳେ ମୁଁ ବ୍ରିଟେନ୍‌ର ଜଲ୍‌ସାରେ ସାମିଲ ହେବା ପାଇଁ ବାହାରିଲି ସେତେବେଳେ ମୋର ଧାରଣା ନଥିଲା ଯେ ମୁଁ ଏକ ବିଶାଳ, ସୁସଂଗଠିତ ଓ ଆଧ୍ୟାତ୍ମିକ ସମାରୋହରେ ଅଂଶଗ୍ରହଣ କରିବାକୁ ଯାଉଛି । ଯାହା ମୋର ଜୀବନରେ ଏତେ ଗଭୀର ପ୍ରଭାବ ଛାଡ଼ିବ । ଏଠାରେ ମୁଁ ପହଞ୍ଚି କେବଳ ଅସାଧାରଣ ଶୃଙ୍ଖଳା, ଭାତୃଭାବ ଓ ଜନସେବାର ବାସ୍ତବ ଉଦାହରଣ ଦେଖିଲି ନାହିଁ । ବରଂ ବିଶ୍ୱର ବିଭିନ୍ନ ଦେଶ ଓ ଜାତୀୟତାର ଲୋକଙ୍କୁ ସ୍ନେହ, ଆଦର ଓ ଭାଇଚାରାର ବନ୍ଧନରେ ବନ୍ଧା ହୋଇଥିବାର ପାଇଲି । ତାଙ୍କ ପତ୍ନୀ କୁହନ୍ତି; ମହିଳାମାନଙ୍କ ପାଇଁ କରାଯାଇଥିବା ବ୍ୟବସ୍ଥା, ସେମାନଙ୍କ ସମ୍ମାନ, ଗରିମା, ସ୍ୱାଧୀନତା ଓ ପରିବେଶକୁ ଦେଖି ମୁଁ ଅତ୍ୟଧିକ ଆଶ୍ଚର୍ଯ୍ୟ ଚକିତ ହେଲି । ହଜାର ହଜାର ମହିଳାଙ୍କୁ ଅତ୍ୟନ୍ତ ଗୌରବ ଓ ସୁସଙ୍ଗଠିତ ଭାବରେ ଜଲ୍‌ସାକୁ ଯିବାଆସିବା କରିବାର ଦେଖି ଇସଲାମ୍ ସମ୍ବନ୍ଧରେ ମୋର ଅନେକ ଧାରଣା ବଦଳିଗଲା ।

ସେନେଗାଲରୁ 'ସେଣ୍ଟ ଲୁଇସ୍'ର ପୂର୍ବତନ ଗଭର୍ଣ୍ଣର ଅତିଥି ଭାବେ ଜଲ୍‌ସାରେ ଯୋଗ ଦେଇଥିଲେ । ସେ କୁହନ୍ତି; ମୁଁ ସମସ୍ତ ବକ୍ତବ୍ୟକୁ ମନୋଯୋଗର ସହ ଶୁଣିଲି, ଅନୁବାଦର ବ୍ୟବସ୍ଥା ଅତି ଉତ୍ତମ ଥିଲା । ଯାହା ଫଳରେ ଆମେ ସମସ୍ତେ ଭାଷଣ ଓ ସନ୍ଦେଶକୁ ଭଲ ଭାବରେ ବୁଝି ପାରିଲୁ । ଜଲ୍‌ସା ସମୟରେ ଯେଉଁ ସନ୍ଦେଶ ସବୁଠାରୁ ଅଧିକ ପ୍ରମୁଖ ଥିଲା, ତାହା ହେଉଛି– ପ୍ରେମ, ଶାନ୍ତି ଓ ଭାତୃଭାବ ସ୍ଥାପନ କରିବାର ବାର୍ତ୍ତା । ଲକମ୍‌ବର୍ଗରୁ ଜଣେ ବାରିଷ୍ଟର ମହୋଦୟ ଆସିଥିଲେ । ସେ କୁହନ୍ତି; ଜଲ୍‌ସାର ତିନିଦିନ ମୋ ଜୀବନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିନ ଥିଲା । ମୁଁ ମୋ ଜୀବନରେ ପ୍ରଥମ ଥର ପାଇଁ ଏତେ ବଡ, ସୁସଂଗଠିତ ଇସଲାମୀୟ ସମାବେଶ ଦେଖିଲି । ଆନ୍ତର୍ଜାତିକ **ବୈଅତ୍**ର ସେହି ଆଧ୍ୟାତ୍ମିକ ଦୃଶ୍ୟ ମୋ ପାଇଁ ଅଭୁଲା ସ୍ମୃତି । **ଇମାମ୍ ଜମାଅତ୍**ଙ୍କ ସହିତ ମୋର ସାକ୍ଷାତ ହୋଇଥିଲା, ଯଦିଓ ସାକ୍ଷାତ ପୂର୍ବରୁ ମୋତେ ଭୟ ଓ ବ୍ୟସ୍ତବିବ୍ରତ ଲାଗୁଥିଲା । କିନ୍ତୁ ତାଙ୍କୁ ଭେଟିବା ମାତ୍ରେ ହିଁ ମୋର ସମସ୍ତ ଭୟ ଦୂର ହୋଇଗଲା ।

ଜଣେ **ନୌମୁବାଏ** (ନବ ଦୀକ୍ଷିତ) କୁହନ୍ତି; ଇସଲାମ୍ ଗ୍ରହଣ କରିବା ପୂର୍ବରୁ ମୋର ସମ୍ପର୍କ ଖ୍ରୀଷ୍ଟଧର୍ମ ସହିତ ଥିଲା । ଆମକୁ ଶିଖା ଯାଇଥିଲା, ଯେ ବିଶ୍ୱାସର ସମ୍ପର୍କ ସଙ୍ଗୀତ ସହିତ ରହିଛି । କିନ୍ତୁ ମୁଁ କେବେ ବି ସେହି ଶୈଳୀରେ ଆଧ୍ୟାତ୍ମିକ ଶାନ୍ତି ଓ ଈଶ୍ୱରଙ୍କ ସାନ୍ନିଧ ଲାଭ କରିପାରି ନଥିଲି । ମୁସଲମାନ ହେବା ପରେ ମଧ୍ୟ ମୁଁ ନମାଜ୍ ଆଦି ପଢୁ ଥିଲି ସତ, କିନ୍ତୁ ସେହି ଆଧ୍ୟାତ୍ମିକ ଭାବପ୍ରବଣତା ଓ ଈଶ୍ୱରଙ୍କ ନିକଟତା ଅନୁଭବ କରିପାରୁ ନଥିଲି । ମାତ୍ର ଜଲ୍‌ସାରେ ଯୋଗ ଦେଇ ମୋ ଉପରେ ଏପରି ଆଧ୍ୟାତ୍ମିକ ଅନୁଭୂତି ଆଚ୍ଛାଦିତ ହୋଇଗଲା, ଯେ ମୋ ଚକ୍ଷୁରୁ ଅଶ୍ରୁଧାର ଝରି ପଡିଲା । ଆଉ ମୁଁ ନିରନ୍ତର ପ୍ରାର୍ଥନା କରିଚାଲିଲି, ମୋର ନିଜ ପାଳନକର୍ତ୍ତା ଓ **ଖିଲାଫତ୍** ସହିତ ଏକ ଗଭୀର ସମ୍ପର୍କ ସ୍ଥାପନ ହୋଇଯାଇଛି ।

ଚେକ୍ ରିପବ୍ଲିକ୍‌ରୁ ଦୁଇଜଣ ପ୍ରଫେସର୍ ମହାଶୟ ଆସିଥିଲେ, ସେମାନେ କହିଲେ; ଯେ ଚେକ୍ ରିପବ୍ଲିକ୍ ଫେରି ଆମେ ନିଜର ସାଥୀ ଓ ଛାତ୍ରମାନଙ୍କୁ କହିବୁ, ଯେ ଆପଣମାନେ ନିଜେ ଯାଇ ଏହି ବିଶାଳ ଆଧ୍ୟାତ୍ମିକ ସମାରୋହକୁ ଦେଖନ୍ତୁ । ଉପସ୍ଥିତ ଖଲିଫାଙ୍କ ଭାଷଣ ପରେ ଆମକୁ ଇସଲାମ୍ ଓ ଧାର୍ମିକ ନିଷ୍ଠାର ପ୍ରକୃତ ଅର୍ଥ (ସଂଜ୍ଞା) ଜାଣିବାକୁ ମିଳିଲା । କାଜାକିସ୍ତାନରୁ ଜଣେ ମହିଳା ଜଲ୍‌ସାରେ ଅଂଶଗ୍ରହଣ କରିଥିଲେ । ସେ କୁହନ୍ତି; ଜମାଅତ୍‌ର **ଇମାମ୍** (ପ୍ରମୁଖ) ଓ ଅନ୍ୟାନ୍ୟ ବକ୍ତାମାନଙ୍କ ଭାଷଣରେ ବିଶ୍ୱାସ, ଉଚ୍ଚ ନୈତିକତା, ପାରସ୍ପରିକ ସଦ୍‌ଭାବନା, ଯୁବକମାନଙ୍କ ସମସ୍ୟା ଓ ସମାଜର ମାର୍ଗଦର୍ଶନ ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋକପାତ କରାଯାଇଥିଲା । ସେହିପରି ଆମେରିକାରୁ ଆସିଥିବା ଜଣେ ଆଇନ୍ ପ୍ରଫେସର୍ କହିଛନ୍ତି; ମୋତେ ସାରା

ବିଶ୍ୱରେ ବିଭିନ୍ନ ସମ୍ମିଳନୀ ଓ କନ୍‌ଭେନ୍‌ସନ୍‌ରେ ଯୋଗ ଦେବାର ସୁଯୋଗ ମିଳିଛି । କିନ୍ତୁ ବ୍ରିଟେନ୍‌ର **ଜଲ୍‌ସା ସାଲାନା**ର ଅନୁଭୂତି ସେ ସମସ୍ତ ଠାରୁ ଭିନ୍ନ ଓ ଅନନ୍ୟ ଥିଲା । ଶହେରୁ ଅଧିକ ଦେଶରୁ ଆସିଥିବା ଲୋକ, ବିଭିନ୍ନ ଧର୍ମ, ଜାତୀୟତା ଓ ଜୀବନର ବିଭିନ୍ନ କ୍ଷେତ୍ରରୁ ଆସିଥିବା ବ୍ୟକ୍ତିମାନଙ୍କ ସହ ସାକ୍ଷାତ ହେଲା । ବିଭିନ୍ନ ପ୍ରଦର୍ଶନୀଗୁଡ଼ିକ ମୋତେ ବହୁତ ପ୍ରଭାବିତ କଲା । **ଉଚ୍ଚ ଶିକ୍ଷିତ, ଡ଼ାକ୍ତର, ଇଞ୍ଜିନିୟର୍, ଓକିଲ ଓ ଅନ୍ୟାନ୍ୟ କ୍ଷେତ୍ରର ବିଶେଷଜ୍ଞମାନେ ଅତ୍ୟନ୍ତ ନମ୍ରତାର ସହିତ ସେବା କାର୍ଯ୍ୟ କରୁଥିଲେ** । ଏହି ପ୍ରସଙ୍ଗଟି ମୋତେ ଭୀଷଣ ରୂପେ ପ୍ରଭାବିତ କରିଛି ।

ବ୍ରାଜିଲ୍‌ର ଜଣେ ଟେଲିଭିଜନ୍ ରିପୋର୍ଟର କହନ୍ତି; ମୁଁ ଏହି କାର୍ଯ୍ୟକ୍ରମର ବିଶାଳତା ଓ ବ୍ୟାପକତା ଦେଖି ଆଚମ୍ବିତ ହେଲି । ବିଶେଷ କରି **ଲଙ୍ଗରଖାନା** (ଭୋଜନାଳୟ)ର ଆକାର ଓ ସେହି ସମସ୍ତ ସ୍ଥାନ ଯେଉଁଠାରେ ଖାଦ୍ୟ ପ୍ରସ୍ତୁତ କରାଯାଏ, ତାହା ଅତ୍ୟନ୍ତ ବ୍ୟାପକ, ଆଧୁନିକ, ସଂଗଠିତ ଓ ସମ୍ପୂର୍ଣ୍ଣ ପରିଷ୍କାର ପରିଛନ୍ନ ଥିଲା । ଫିଲିପାଇନ୍ସରୁ ଜଣେ ପ୍ରଫେସର୍ ତାଙ୍କ ପତ୍ନୀଙ୍କ ସହିତ ଆସିଥିଲେ, ଯିଏ ନିଜେ ବି ଜଣେ ପ୍ରଫେସର୍ । ସେ କୁହନ୍ତି; ସ୍ୱେଚ୍ଛାସେବୀମାନଙ୍କ ପରିଶ୍ରମ ଦେଖି ମୁଁ ଆଶ୍ଚର୍ଯ୍ୟ ହେଲି ଯେ କିପରି ସେମାନେ ନିଜର ପ୍ରଚେଷ୍ଟା ଦ୍ୱାରା ଏହି ଆସ୍ଥାୟୀ ସହରଟିକୁ ଗଢ଼ି ତୋଳିଛନ୍ତି ।

ଏଲ୍ ସାଲାବାଡୋ ଦେଶରୁ ଜଣେ ଅତିଥି ଯିଏ ସେଣ୍ଟ୍ରାଲ୍ ଆମେରିକାନ୍ ପାର୍ଲାମେଣ୍ଟରେ ଏଲ୍ ସାଲାବାଡୋର ପ୍ରତିନିଧି ଭାବରେ ମୁତୟନ ଅଛନ୍ତି । ସେ କୁହନ୍ତି; ଖଲିଫାଙ୍କ ସହ ସାକ୍ଷାତ ପରେ ମୋର ବିଶ୍ୱାସ ହୋଇଗଲା ଯେ ଖଲିଫାଙ୍କୁ ନିଜ ଜମାଅତ୍ ବିଷୟରେ ଗଭୀର ଜ୍ଞାନ ରହିଛି । ବେଲିଜ୍‌ରୁ ଜଣେ ନବ ଦୀକ୍ଷିତ ମୁସଲମାନ ମହିଳା କୁହନ୍ତି; ଆମେ ଏକ ବହୁତ ଛୋଟ ଦେଶରୁ ଆସିଛୁ । ମୁଁ ଯେଉଁ ସହରରେ ରୁହେ, ତାହାର ଜନସଂଖ୍ୟା ମାତ୍ର ପଚାଶ ହଜାର । ସେଠାରେ ଶହେ ଜଣ ଲୋକ ମଧ୍ୟ କୌଣସି ସ୍ଥାନରେ ଏକାଠି ହେଲେ, ସେଠାରେ ଝଗଡା ଆରମ୍ଭ ହୋଇଯାଏ । **କିନ୍ତୁ ଜଲ୍‌ସାର ଆୟୋଜନ ଅସାଧାରଣ ଶାନ୍ତିର ପ୍ରତୀକ** ।

ବୁଲ୍‌ଗେରିଆ ଦେଶର ଜଣେ ପ୍ରଭାବଶାଳୀ ବ୍ୟକ୍ତି କହିଛନ୍ତି, ଜଲ୍‌ସାରେ ହୋଇଥିବା ଭାଷଣଗୁଡ଼ିକ ବେଶ ତତ୍ତ୍ୱଭିତ୍ତିକ, ଜ୍ଞାନବର୍ଦ୍ଧକ ଓ ଉଚ୍ଚମାନର ଥିଲା । ବକ୍ତାମାନେ ଧାର୍ମିକ ଓ ବୈଜ୍ଞାନିକ ବିଷୟଗୁଡ଼ିକୁ ଅତ୍ୟନ୍ତ ସୁନ୍ଦର ଭାବରେ ଉପସ୍ଥାପନ କରିଥିଲେ । ଯାହା ଫଳରେ ଶ୍ରୋତାମାନଙ୍କ ଜ୍ଞାନରେ ଅଭିବୃଦ୍ଧି ଘଟିଲା । ସେନେଗାଲ୍‌ରୁ ଜଣେ ବ୍ୟକ୍ତି, ଯିଏ ନିଜ ଅଞ୍ଚଳର ଜଣେ ଧାର୍ମିକ ନେତା, ସେ କୁହନ୍ତି; ଜମାଅତର **ଇମାମ୍**ଙ୍କ ସହିତ ମୋର ସାକ୍ଷାତ ହୋଇଥିଲା । ଯାହା ଫଳରେ ମୋତେ ଜମାଅତ୍‌କୁ ବୁଝିବାର ସୁଯୋଗ ମିଳିଲା । ବାସ୍ତବତା ଏହିକି ଯେ ମୁଁ ଆପଣଙ୍କୁ ହୃଦୟର ଗହ୍ୱରରୁ କୃତଜ୍ଞତା ଜ୍ଞାପନ କରୁଅଛି । ସେନେଗାଲ୍‌ର ଜଣେ ସାଂସଦ ଆମ ବାର୍ଷିକ ଧର୍ମ ସମ୍ମିଳନୀରେ ଯୋଗ ଦେଇଥିଲେ । ସେ କୁହନ୍ତି; କେବଳ କଥାରେ କୁହାଯାଇଥିବା ଇସଲାମ୍ ଠାରୁ ବଳି ମୁଁ ଏଠାରେ ପ୍ରକୃତ ସେବା କରିବା ଇସଲାମ୍‌କୁ ଦେଖିଲି । **ଏପରି ହାତ ଦେଖିଲି ଯାହା ଦାନ କରେ, ଏପରି ହୃଦୟ ଦେଖିଲି ଯାହା କ୍ଷମା କରେ, ଏପରି ଦ୍ୱାର ଦେଖିଲି ଯାହା ଅନ୍ୟମାନଙ୍କ ପାଇଁ ସଦାସର୍ବଦା ଉନ୍ମୁକ୍ତ ଓ ସ୍ୱାଗତ ଜଣାଇଥାଏ** ।

କୋସୋଭୋରୁ ଜଣେ ସମ୍ମାନନୀୟ ଗବେଷକ, ଶିକ୍ଷାବିତ୍ ଓ ପ୍ରଫେସର୍ ବାର୍ଷିକ ଧର୍ମ ସମ୍ମିଳନୀରେ ଯୋଗ ଦେଇଥିଲେ, ସେ କୁହନ୍ତି; **ଇମାମ୍ ଜମାଅତ୍**ଙ୍କର ଭାଷଣ ଶୁଣିବାର ସୁଯୋଗ ମିଳିଲା ଓ ତାଙ୍କୁ ଭେଟ କରିବାର ମଧ୍ୟ ଅବସର ମିଳିଲା । ଯେଉଁ ଜିନିଷ ମୋତେ ସବୁଠାରୁ ଅଧିକ ପ୍ରଭାବିତ କରିଛି । ତାହା ହେଉଛି, ଶାନ୍ତି, ସଦ୍‌ଭାବନା, ମାନବିକ ସମାନତା, ପାରସ୍ପରିକ ସମ୍ମାନ ଓ ସମାଜର ପ୍ରତ୍ୟେକ ବ୍ୟକ୍ତିଙ୍କୁ ସାଙ୍ଗରେ ନେଇ ଚାଲିବା ଉପରେ ନିରନ୍ତର ଓ ଅସାଧାରଣ ଭାବେ ଗୁରୁତ୍ୱ ଦେବା । ସ୍ପେନ୍‌ର 'ପେଡ୍ରୋ ଆବାଦ'ର ମେୟର

(ବିଧାୟକ) ଆସିଥିଲେ । ସେ କୁହନ୍ତି; **ଜଲ୍‌ସା ସାଲାନା** ଆମକୁ ଏହା ଦେଖିବାର ସୁଯୋଗ ଦେଲା ଯେ ଏହା କେବଳ ବିଶ୍ୱାସର ଉତ୍ସବ ନୁହେଁ । ବରଂ ବିଭିନ୍ନ ଦେଶ, ସଂସ୍କୃତି ଓ ବାସ୍ତବତା ସହିତ ଜଡ଼ିତ ଲୋକମାନଙ୍କ ମଧ୍ୟରେ ସହ-ଅବସ୍ଥାନର ଏକ ଅପୂର୍ବ ପ୍ରଦର୍ଶନ ।

ସେହିପରି ମହାମାନ୍ୟ ହୁଜୁର ଅନଓ୍ୱର[ଅ.ବ] ଅନ୍ୟ କେତେକ ସମ୍ମାନିତ ଅତିଥିଙ୍କ ଅନୁଭୂତି ଓ ମନ୍ତବ୍ୟ ଉପସ୍ଥାପନ କରିଥିଲେ । ଯିଏ ଜଲ୍‌ସାର ଅଭୁତପୂର୍ଣ୍ଣ ବ୍ୟବସ୍ଥା ଓ ଆଧାତ୍ମିକ ପରିବେଶକୁ ଦେଖି ଭୁରି ଭୁରି ପ୍ରଶଂସା କରିଥିଲେ । ଗ୍ରୀସ୍‌ରୁ ଆସିଥିବା ଅତିଥି ମହିଳା ଜଲ୍‌ସାର ସମସ୍ତ ବ୍ୟବସ୍ଥାର ପ୍ରଶଂସା କରିବା ସହିତ ଏକ କଥା ଉଲ୍ଲେଖ କରି କହିଲେ; ଯେ ଗୋଟିଏ କଥା ମୋତେ ପସନ୍ଦ ଆସିଲା ନାହିଁ । ତାହା ହେଉଛି କେତେକ ମହିଳା ଇସ୍‌ଲାମୀୟ **ଡ୍ରେସ୍ କୋଡ୍** (ଅର୍ଥାତ୍ ପର୍ଦା)କୁ ଭଲ ଭାବରେ ପାଳନ କରୁ ନଥିଲେ । ଆଉ କେତେକ ପୁରୁଷ ବି **ଗଜେ ବସର୍** (ଅର୍ଥାତ୍ ଦୃଷ୍ଟି ଅବନତ ରଖିବା)ରେ ଦୁର୍ବଳତା ପ୍ରଦର୍ଶନ କରୁଥିଲେ ।

ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ଯଦିଓ ମୁଁ ଏହି ବିଷୟରେ ବିଶେଷ ଭାବରେ ଉପଦେଶ ଦେଇଥିଲି । ତେବେ ନକାରାତ୍ମକ ମନ୍ତବ୍ୟକୁ ମଧ୍ୟ ଆମେ ନିଜର ସୁଧାର ପାଇଁ ଶୁଣିବା ଉଚିତ୍ । ତେଣୁ ଯେଉଁମାନେ ଅସାବଧାନତା ଅବଲମ୍ବନ କରୁଥିଲେ, ସେମାନେ ମନେ ରଖିବା ଉଚିତ୍ ଯେ ଅନ୍ୟମାନେ ଆମକୁ ବହୁତ ଗଭୀର ଦୃଷ୍ଟିରେ ଦେଖନ୍ତି । **ଆମେ ସେମାନଙ୍କୁ ଏପରି କୌଣସି ସୁଯୋଗ ଦେବା ନାହିଁ, ଯାହା ଦ୍ୱାରା ଇସଲାମ୍‌ର ଛବି ଉପରେ କଳଙ୍କ ଲାଗିବ** । ଜଲ୍‌ସାର ଭାଷଣ ସମୟରେ ମୁଁ ହଜରତ ମସିହ ମଉଦ[ଅ.ସ]ଙ୍କ ସନ୍ଦର୍ଭ ପାଠ କରିଥିଲି, ଯେ ଅନ୍ୟମାନଙ୍କୁ ଏପରି ସୁଯୋଗ ଦିଅ ନାହିଁ, ଯେ ସେମାନେ ଆମ ଆଡ଼କୁ ଆଙ୍ଗୁଠି ଉଠାଇବେ । ହୁଜୁର[ଅ.ବ] ପ୍ରେସ୍ ଓ ମିଡ଼ିଆରେ ହୋଇଥିବା କଭରେଜ୍ (ପରିବେଷଣ) ପ୍ରସଙ୍ଗରେ କହିଲେ; **ଜଲ୍‌ସା ସାଲାନା**କୁ ପ୍ରିଣ୍ଟ ମିଡ଼ିଆ, ରେଡ଼ିଓ, ଟିଭି ଓ ଶୋସିଆଲ୍ ମିଡ଼ିଆ ମାଧ୍ୟମରେ ବ୍ୟାପକ ଭାବରେ ପ୍ରସାରିତ କରାଯାଇଥିଲା । ଯେତେବେଳେ କି ବିଭିନ୍ନ ସମ୍ବାଦପତ୍ର ଓ ଟିଭି ଚ୍ୟାନେଲ୍ ମଧ୍ୟ ଜଲ୍‌ସାର କଭରେଜ୍ କରିଥିଲେ ।

ପରିଶେଷରେ ମହାମହିମ ହୁଜୁର ଅନଓ୍ୱର[ଅ.ବ] କହିଲେ; ଅଲ୍ଲାଃତାଲା ଜଲ୍‌ସାର ଶୁପ୍ରଭାବ ଯେପରି ଜମାଅତ୍‌ର ସଦସ୍ୟମାନଙ୍କ ଉପରେ ବଜାୟ ରଖନ୍ତୁ । ସେହିପରି ଅନ୍ୟ ଲୋକମାନଙ୍କର ମଧ୍ୟ ମାର୍ଗଦର୍ଶନ କରାନ୍ତୁ । ସେମାନଙ୍କୁ ସଠିକ୍ ଇସଲାମ୍ ଓ ଅହମଦିୟତ୍ ଆଡ଼କୁ ଟାଣି ଆଣନ୍ତୁ । **ଆମିନ୍** ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଈନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଆଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଈୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

❋ ❋ ❋ ❋ ❋ ❋ ❋ ❋ ❋ ❋ ❋ ❋

Khulasa Khutba Juma Huzoor Anwar a.b.a

31st July 2026

*Translated to Odia by :* Moulavi Anwar Ahmad Khan